# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

ପତ୍ରିକା ସଂଖ୍ୟା-୨୩/୨୪

**ଜିଲ୍ଲା-ଯାଜପୁର** ତା.୧୯.୦୩.୨୦୨୪

ପାଣିପାଗ ପୂର୍ବାନୁମାନ (ତା. ୨୪.୦୩.୨୦୨୪ ପର୍ଯ୍ୟନ୍ତ)-: ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ,ଜିଲ୍ଲାରେ ଆସନ୍ତା ୩ ଦିନ ପାଇଁ ହାଲୁକା ରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ପବନର ବେଗ ୦୬-୧୪ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୨୫-୩୪° C ଏବଂ ୧୮ -୨୩ ° C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| JAJPUR | 20-03-2024 | 25 | 25 | 18 | 8 | 83 | 30 | 10 | 120 |
| | 21-03-2024 | 5 | 26 | 18 | 8 | 91 | 61 | 6 | 71 |
| | 22-03-2024 | 5 | 30 | 20 | 0 | 78 | 44 | 6 | 191 |
| | 23-03-2024 | 0 | 31 | 22 | 0 | 77 | 23 | 12 | 205 |
| | 24-03-2024 | 0 | 34 | 23 | 0 | 71 | 18 | 14 | 208 |

## ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ

| ସାଧାରଣ ଉପଦେଶ | | |
|---|---|---|
| | ▸ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁୟାୟୀ, ଆସନ୍ତା 3 ଦିନ ବଜ୍ରପାତ,ହାଲୁକାରୁ ମଧ୍ୟମ ଧରଣର ବର୍ଷା, ପବନ ହେବାର ସମ୍ଭାବନା ରହିଛି , ଚାଷୀମାନେ ମୁଗ,ବିରି, ମକା, ପନିପରିବା ଏବଂ ସୂର୍ଯ୍ୟମୁଖୀ ଭଳି ଜଳ ସମ୍ବେଦନଶୀଳ ଫସଲ କ୍ଷେତରୁ ଅତିରିକ୍ତ ଜଳ ନିଷ୍କାସନ କରନ୍ତୁ । <br>▸ ପ୍ରବଳ ପବନରେ ବୃକ୍ଷରୋପଣ , ଉଦ୍ୟାନ କୃଷି ଏବଂ ଠିଆ ହୋଇଥିବା ଫସଲ ନଷ୍ଟ ହୋଇପାରେ ତେଣୁ କୃଷକମାନେ ଉଦ୍ୟାନ କୃଷି ଫସଲ ଏବଂ ପନିପରିବା ଚାଷରେ ବାଉଁଶ କାଠି ସହାୟତା ପ୍ରଦାନ କରନ୍ତୁ। <br>▸ ପରିପକ୍ୱ ଫସଲ ଓ ପନିପରିବା ଶୀଘ୍ର ଅମଳ କରନ୍ତୁ ଏବଂ ଅମଳ ହୋଇଥିବା ଫସଲକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ କିମ୍ବା କ୍ଷେତରେ ଅମଳ ହୋଇଥିବା ଫସଲର ଗଦାକୁ ପାଲ ଢାଙ୍କି ଦିଅନ୍ତୁ। <br>▸ ଆସନ୍ତା ୨-୩ ଦିନ ପାଇଁ ସମସ୍ତ ସିଂଚନ ଏବଂ କୀଟନାଶକ ପ୍ରୟୋଗ କାର୍ଯ୍ୟକୁ ସ୍ଥଗିତ କରନ୍ତୁ। | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| ଖରାଟିଆ ଧାନ | ପିଲ ଅବସ୍ଥା | ❖ ଧାନ ଫସଲରେ ହଳଦିଆ କାଣ୍ଡ ବିନ୍ଧା ପୋକର ପ୍ରାଦୁର୍ଭାବ ବୃଦ୍ଧି ପାଇଛି।ଏହାର ନିରାକରଣ ପାଇଁ ଏକର ପ୍ରତି ୪ କେଜି Rynaxypyr ୦.୪ G ଅଥବା ୮ kg Fipronil ୦.୩ G କିମ୍ବା ଫ୍ଲୁବେଣ୍ଡିଆମାଇଡ 0.7G 5 KG/ଏକର କୁ କ୍ଷେତରେ ପାଣିବାନ୍ଧି (୨-୩ ସେଣ୍ଟିମିଟର ପାଣିରଖି) ପ୍ରୟୋଗ କରନ୍ତୁ। <br>❖ ଧାନ ମହିଷା ଏବଂ ପତ୍ରାଛାଦ ସୋଢା ରୋଗ ନିୟନ୍ତ୍ରଣ ପାଇଁ (ଟେବୁକୋନାଜୋଲ 50%+ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ 25 % ଡବ୍ଲୁଜି)@80 ଗ୍ରାମ୍/ଏକରରେ ପ୍ରୟୋଗ କରନ୍ତୁ। <br>❖ ଖରାଟିଆ ଧାନରେ କିଛି ଜାଗାରେ ପତ୍ର ପୋଡା ରୋଗ ସଂକ୍ରମଣ ବୃଦ୍ଧି ପାଉଛି ଏହାକୁ ନିରାକାରଣ କରିବା ପାଇଁ ଏକର ପ୍ରତି ୨୦୦ ଗ୍ରା plantomycin ସହ ୫୦୦ ଗ୍ରା cupper oxy chloride ୨୦୦ ଲି ପଣି ସହ ମିଶାଇ ପତ୍ର ସିଂଚନ କରନ୍ତୁ ଏବଂ ଏକର ପ୍ରତି ୧୦ kg MOP କୁ କ୍ଷେତରେ ପ୍ରୟୋଗ କରନ୍ତୁ । |

| | | |
|---|---|---|
| **ମୁଗ** | **ଫୁଲ ଏବଂ ଫଳ ଅବସ୍ଥା** | ❖ ଖରାଟିଆ ମୁଗ ଫସଲରେ ବର୍ତ୍ତମାନର ପାଣିପାଗ ପରିସ୍ଥିତି ଧୂଆଁପତ୍ର ଗୋଟି ପୋକ ଜନସଙ୍ଖ୍ୟା ବୃଦ୍ଧି ର କାରଣ ହୋଇପାରେ। ପୋକ ସଂଖ୍ୟା କମ୍ କରିବା ପାଇଁ କ୍ଷେତ୍ର ବନ୍ଧ ନିକଟରେ ଅମରି/ବାଇଗବ ଗଛ ଲଗାନ୍ତୁ ଏବଂ ଲାମ୍ବଡା ସିଆହାଲୋଥ୍ରିନ 4.9CS@ 250 ମିଲି /ଏକର କିମ୍ବା ଇମାମେକ୍ଟିନ ବେଞ୍ଜୋଏଟ ୧୦୦ ଗ୍ରାମ/ଏକର ସିଂଚନ କରନ୍ତୁ। <br> ❖ ଛୁଇଁ ବିନ୍ଧା ର ପରିଚାଳନା ପାଇଁ ଏକର ପିଛା ଏମାମେକ୍ଟିନ୍ ବେନଜୋଏଟ୍ @ 80g କିମ୍ବା ପ୍ରୋଫେନୋଫୋସ୍ @ 400 ମିଲି ସ୍ପ୍ରେ କରନ୍ତୁ। |
| **ସୁର୍ଯ୍ଯମୁଖୀ** | **ଫୁଲ ଅବସ୍ଥା** | ମୂଳ ସୋଢା ଏବଂ ଝାଉଁଳା ନିୟନ୍ତ୍ରଣ କରିବାକୁ ଏକର ପିଛା (ମେଟାଲାକ୍ସିଲ୍ + ମାନକୋଜେବ୍) କିମ୍ବା (ସାଇମକ୍ସାନିଲ୍ + ମାନକୋଜେବ୍) @ 400gm ପ୍ରୟୋଗ କରନ୍ତୁ \| ସୁର୍ଯ୍ଯମୁଖୀ ଫସଲରେ ସଂକ୍ରମିତ ଉଦ୍ଭିଦଗୁଡିକୁ କ୍ଷେତରୁ ବାହାର କରନ୍ତୁ \| |
| **ଆଖୁ** | **ଫୁଲ ଅବସ୍ଥା** | ଆଖୁରେ ସଅଁଳ କାଣ୍ଡ ବିନ୍ଧାପୋକ ଦୃଷ୍ଟିଗୋଚର ହେଲେ Fipronil ୫ SC@ ୪୦୦ମିଲି/ଏକର ପତ୍ର ସିଂଚନ କରନ୍ତୁ । |
| **ପନିପରିବା** | **ଫୁଲ ଏବଂ ଫଳ ଅବସ୍ଥା** | ❖ ବର୍ଷାର ପୂର୍ବାନୁମାନ ହୋଇଥିବାରୁ ବାଇଗଣ କ୍ଷେତରେ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। <br> ❖ ବାଇଗଣ ଫସଲରେ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୮୦ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୭୦ ମି.ଲି. ସ୍ପିନୋସାଡ କିମ୍ବା Thiachloprid @୨୫୦ମିଲି /ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।ନିୟମିତ ଆକ୍ରାନ୍ତ ଡାଳ ଓ ଫଳ କୁ ସଂଗ୍ରହ କରି ନଷ୍ଟ କରନ୍ତୁ। <br> ❖ ବାଇଗଣ ଓ ଟମାଟୋ ଫସଲରେ ଝାଉଂଳା କିମ୍ବା ଆଂଶିକ ଝାଉଂଳା ରୋଗ ଦେଖାଗଲେ ଆକ୍ରାନ୍ତ ଗଛ କୁ ଓପାଡି ଦିଅନ୍ତୁ ଓ ଗଛ ମୂଳରେ ନିମ୍ବ କିମ୍ବା କରଞ୍ଜ ପିଡିଆ ପ୍ରୟୋଗ କରନ୍ତୁ । ପ୍ରତି ଲିଟର ପାଣିରେ ୧ ମି.ଲି. କବକ ନାଶକ ଟେବୁକୋନାଜୋଲ କୁ ମିଶାଇ ଗଛ ମୂଳ ଓ ପତ୍ରକୁ ସିଂଚନ କରନ୍ତୁ । |
| **ଆମ୍ବ** | **ବଉଳ ଅବସ୍ଥା** | ❖ ଆମ୍ବ ଗଛରେ ଫଳ ପରିମାଣ ବୃଦ୍ଧି କରିବା ପାଇଁ NAA@1ml/4.5l ର ସ୍ପ୍ରେ କରନ୍ତୁ । <br> ❖ ଆମ୍ବ ଡାହାଣୀ ଓ ଦହିଆ ପୋକ ଦେଖାଗଲେ Thiamethoxam ୦.୪ ଗ୍ରା/ଲିଟର କିମ୍ବା Lambda Cyahalothrin 4.9 CS @1.25 ମିଲି /ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ। |
| **ପଶୁପାଳନ** | | ❖ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ପୂର୍ବାନୁମାନ କରାଯାଇଛି , ଚାଷୀମାନେ ସେଡ୍ ଭିତରେ ଗୃହପାଳିତ ପଶୁ ର ଖନ୍ତୁ, ।ବଜ୍ରପାତ ଯୋଗୁଁ ହେଉଥିବା ମୃତ୍ୟୁକୁ ରୋକିବା ପାଇଁ ଚାରଣକ୍ଷେତ୍ରକୁ ପଶୁଙ୍କୁ ପଠାନ୍ତୁ ନାହି। |

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଅଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)